
ଶନିବାର , ୧୫ ଜୁଲାଇ, ୨୦୨୩

# ପିଲାଙ୍କ ଧରିତ୍ରୀ



# ଆଦର୍ଶ ଜୀବନ



## ଗପ

ମାନବିକତାର ଚରମ ଆଦର୍ଶ ଯୋଗୁ ବହୁ ସାଧୁସନ୍ଥ ସମାଜ ପାଇଁ ଅମର ହୋଇ ରହିଯାଇଛନ୍ତି। ସେମାନଙ୍କ ଜୀବନ ଆମ ସମସ୍ତଙ୍କୁ ସତ୍‌ମାର୍ଗରେ ନେବାପାଇଁ ପ୍ରେରଣା ସଦୃଶ। ସେହିଭଳି ଜଣେ ଆଦର୍ଶ ମହାପୁରୁଷ ହେଉଛନ୍ତି ସକ୍ରେଟିସ୍। ଗ୍ରୀସ୍‌ର ବିଶିଷ୍ଟ ଦାର୍ଶନିକ ଥିଲେ ସେ। ସ୍ପଷ୍ଟବାଦିତା, ନିର୍ଭୀକତା ଓ ସତ୍ୟବାଦୀତା ଗୁଣ ପାଇଁ ଆଜି ବି ସେ ସମସ୍ତଙ୍କର ଆଦର୍ଶ ହୋଇ ରହିପାରିଛନ୍ତି। ଏହିଭଳି ମହାନ୍ ଗୁଣକୁ ତ୍ୟାଗ କରି ନ ପାରି ସେ ମୃତ୍ୟୁକୁ ମଧ୍ୟ ହସି ହସି ଗ୍ରହଣ କରିଥିଲେ। ମୃତ୍ୟୁ ଦଣ୍ଡାଦେଶ ମିଳିବା ପରେ ସେ ଅନେକ ଦିନ ବନ୍ଦୀଗୃହରେ ରହିଥିଲେ। ସେହି ସମୟର କଥା। ତାଙ୍କୁ ବନ୍ଦୀ ଗୃହରୁ ମୁକ୍ତ କରିବା ପାଇଁ ତାଙ୍କ ଶିଷ୍ୟମାନେ ବହୁ ଉପାୟ ଚିନ୍ତା କରୁଥିଲେ। ଥରେ ଜଣେ ଶିଷ୍ୟ ତାଙ୍କ ସହିତ ଗୋପନରେ ସାକ୍ଷାତ କଲେ। ସେ କହିଲେ ଗୁରୁଦେବ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଆମେମାନେ ଆପଣଙ୍କୁ ବନ୍ଦୀ ଗୃହରୁ ମୁକ୍ତ କରିବା ପାଇଁ ଗୋଟିଏ ଉପାୟ ସ୍ଥିର କରିଛୁ। ଆପଣଙ୍କୁ ଏକ ନିରାପଦ ସ୍ଥାନକୁ ନେଇଯିବୁ। ସକ୍ରେଟିସ କହିଲେ, ମୁଁ ଆଦୌ ବ୍ୟସ୍ତ ହେଉନାହିଁ। ବନ୍ଦୀ ଗୃହରୁ ଖସି ଯାଇ ଜୀବନ ରକ୍ଷା କରିବାକୁ ମଧ୍ୟ ମୋର ଇଚ୍ଛା ନାହିଁ। ତଥାପି ତୁମେ କ'ଣ ଉପାୟ କରିଛ, ସେ ବିଷୟରେ ମୋତେ କୁହ। ଶିଷ୍ୟ ଜଣକ କହିଲେ, ଆମେ ଜଗୁଆଳିମାନଙ୍କୁ ଠକି ଜେଲର କର୍ତ୍ତୃପକ୍ଷଙ୍କ ଆଖିରେ ଧୂଳି ଦେଇ ଆପଣଙ୍କୁ ମୁକୁଳାଇ ନେଇଯିବୁ। ସକ୍ରେଟିସ ନିଜ ଶିଷ୍ୟଙ୍କ ମୁହଁରୁ ଏପରି କଥା ଶୁଣି ଖୁବ୍ ଦୁଃଖପ୍ରକାଶ କଲେ ଏବଂ କହିଲେ, ତୁମେ ଏ ପ୍ରକାର ଉପାୟ ଚିନ୍ତା କରି ମୋର ସମସ୍ତ କାର୍ଯ୍ୟ ତଥା କୃତିତ୍ୱକୁ ନଷ୍ଟ କରିଦେଲ। ତୁମେ ମୋର ଶିଷ୍ୟ ହୋଇ ଏପରି କାର୍ଯ୍ୟ କରିବାକୁ ଟିକେ ଲଜ୍ଜାବୋଧ କଲ ନାହିଁ? କହିଲ ଦେଖି, ବିଶ୍ୱାସଘାତକତା କରିବା ପାଇଁ ମୁଁ କେବେ ଶିକ୍ଷା ଦେଇଛି କି? ତେବେ ତୁମେ ମୋର ପ୍ରକୃତ ଶିଷ୍ୟ ହେବାର ଯୋଗ୍ୟ ନୁହଁ। ଏଠାରୁ ଶୀଘ୍ର ଚାଲିଯାଅ। ମୁଁ ତୁମ ମୁହଁ ମଧ୍ୟ ଦେଖିବାକୁ ଚାହେଁ ନାହିଁ। ଏକଥା ଶୁଣି ଶିଷ୍ୟଜଣଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସେ ଭାବିଥିଲେ ଯେ ଗୁରୁ ନିଜ ଜୀବନ ରକ୍ଷା ପାଇଁ କୌଣସି ଉପାୟକୁ ସ୍ୱାଗତ କରିବେ ଏବଂ ଉପାୟ ଭାବିଥିବା ଶିଷ୍ୟଙ୍କୁ ଆଶୀର୍ବାଦ କରିବେ। ମାତ୍ର ସମସ୍ତ ଭାବନା ବୃଥା ହେଲା। ଶିଷ୍ୟ ଜଣକ ତଥାପି ସାହସର ସହ କହିଲେ, ଗୁରୁଦେବ କେବଳ ଆପଣଙ୍କ ଜୀବନ ରକ୍ଷା ପାଇଁ ଉପାୟଟି କରାଯାଇଥିଲା। ସକ୍ରେଟିସ କହିଲେ, ମୁଁ ମୋ ଆଦର୍ଶ ଓ ନିୟମକୁ ଜୀବନଠାରୁ ଅଧିକ ଭଲ ପାଏ। ଶରୀର ମରଣଶୀଳ। ଏହା ଦିନେ ମାଟିରେ ମିଶିଯିବ। ଏହି ଦୁର୍ଗନ୍ଧମୟ ଶରୀର ପାଇଁ ମୋର ଆଦର୍ଶକୁ ଜଳାଞ୍ଜଳି ଦେଇଦେବି! ନିଜ ଆଦର୍ଶକୁ ତ୍ୟାଗ କରିବା ଅପେକ୍ଷା ମୃତ୍ୟୁକୁ ବେଶି ପସନ୍ଦ କରିବି। ବିଖ୍ୟାତ ଦାର୍ଶନିକ ସକ୍ରେଟିସଙ୍କ କଥା ଶୁଣି ଶିଷ୍ୟଜଣକ ନିର୍ବାକ ହୋଇଗଲେ। ତାଙ୍କ ପାଟିରୁ ପଦେ ହେଲେ କିଛି କଥା ବାହାରିଲା ନାହିଁ। ନିଜକୁ ଲଜ୍ଜିତ ମନେକରି ବନ୍ଦୀଶାଳାରୁ ଫେରିଗଲେ। ସକ୍ରେଟିସ ହସି ହସି ବିଷପାନ କଲେ ଓ ଏହି ଦୁନିଆରୁ ବିଦାୟ ନେଲେ ସିନା ପଦେ ହେଲେ ମିଛ କହିଲେ ନାହିଁ। ପ୍ରକୃତରେ ଏପରି ମହାନ୍ ଚରିତ୍ରଙ୍କୁ ଯେତେ ପ୍ରଣାମ କଲେ ମଧ୍ୟ କମ୍ ହେବ।

**– ପ୍ରଭାତ କୁମାର ମହାପାତ୍ର**
ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋ: ୭୮୯୪୦୦୫୪୫୫

## ଖିଲି ଖିଲି ହସ

ଦିନେ ଚିଣ୍ଟୁ ଜଙ୍ଗଲରେ ଯାଉଥିଲା, ହଠାତ୍ ଭାଲୁକୁ ଦେଖି ମାଟି ଉପରେ ଅଚେତ ହୋଇ ପଡ଼ିଗଲା। ଏହାଦେଖି ଭାଲୁ ଚିଣ୍ଟୁ କାନରେ କହିଲା– ମୋତେ ଏବେ ଭୋକ ନାହିଁ ନ ହେଲେ ତୋର ସବୁ ଚାଲାକି ଛଡ଼ାଇ ଦେଇଥାନ୍ତି।

ଟ୍ରେନରେ ମା'ପୁଅ ଯାଉଥିଲେ। ବାରମ୍ବାର ତାଙ୍କ ପୁଅଙ୍କୁ କହୁଥାନ୍ତି ପୁଅ ହାଲୁଆ ଖାଇଦେ, ନ ହେଲେ ପାଖରେ ବସିଥିବା ପିଲାକୁ ଦେଇଦେବି। କିଛି ସମୟ ଗଲାପରେ ପାଖରେ ବସିଥିବା ପୁଅଟି କହିଲା– ଆଣ୍ଟି, ଆପଣଙ୍କର ଯାହା ନିଷ୍ପତ୍ତି ନେବାର ଅଛି ଟିକେ ଜଲ୍‌ଦି ନିଅନ୍ତୁ। ଆପଣଙ୍କ ହାଲୁଆ ଚକ୍କରରେ ମୋ ଖାଇବା ଖାଇପାରୁନି, ଯା ଭିତରେ ତିନିଟା ଷ୍ଟେଶନ ପଳାଇ ଗଲାଣି।

କଞ୍ଜୁସ ବ୍ୟକ୍ତି ତା' ପୁଅକୁ ମାରୁଥିବାର ଦେଖି ପଡ଼ୋଶୀ ପଚାରିଲେ କାହିଁକି ମାରୁଛ ପୁଅକୁ? ବ୍ୟକ୍ତି– ମୁଁ ପୁଅକୁ କହିଥିଲି ଗୋଟିଏ ପାହାଚ ଛାଡ଼ି ଆଉ ଗୋଟେ ପାହାଚ ଚଢ଼ିବୁ, କାରଣ ଚପଲ କମ୍ ଘସିହେବ, ହେଲେ ସେ ଦୁଇ ଦୁଇଟା ପାହାଚ ଛାଡ଼ି ଚଢ଼ିଲା ଏଥିପାଇଁ ତା'ର ପ୍ୟାଣ୍ଟ ଫାଟିଗଲା।



# ଗାଈ


ଜୀବଜଗତ ପାଇଁ ଗାଈର ଅନେକ ଉପକାର ରହିଛି। ଗାଈ କ୍ଷୀରକୁ ଅମୃତ ବୋଲି କୁହାଯାଏ। ତେବେ ଏହି ଉପକାରୀ ଗୃହପାଳିତ ପ୍ରାଣୀ ସମ୍ପର୍କରେ ଜାଣିରଖନ୍ତୁ କିଛି ବିଶେଷ କଥା।

- ଗାଈ ନିଜ ଜୀବନକାଳ ମଧ୍ୟରେ ଅତିକମ୍‌ରେ ୨ ଲକ୍ଷ ଗ୍ଲାସ କ୍ଷୀର ପ୍ରଦାନ କରିଥାଏ।
- ଓଦାଥିବା ଭୂମି ଉପରେ ଗାଈ ଘୋଡା ତୁଳନାରେ ଅଧିକ ଦ୍ରୁତ ଗତିରେ ଦୌଡ଼ିପାରନ୍ତି।
- ଗାଈ ଶିଡି ପାହାଚ ଚଢ଼ି ତ ପାରନ୍ତି କିନ୍ତୁ ଓହ୍ଲାଇ ପାରନ୍ତି ନାହିଁ। କାରଣ ସେମାନଙ୍କ ଆଣ୍ଠୁ ଓ ଗୋଇଠି ଠିକ୍‌ଭାବେ ବୁଲିପାରେ ନାହିଁ।
- ଦିନକୁ ଗାଈ ଅତିକମ୍‌ରେ ୧୪ ଥର ବସୁଉଠ ହୋଇଥାଏ ଓ ପ୍ରାୟ ୧୩୨ ଲିଟର ପାଣି ପିଇଥାଏ।
- ପ୍ରାୟ ୯ କିଲୋମିଟର ଦୂରରୁ ଗାଈ ଗନ୍ଧ ଶୁଙ୍ଘିପାରେ।
- ଗାଈର ୮୦ ପ୍ରତିଶତ ଜିନ୍ ସହିତ ମଣିଷ ଶରୀରରେ ଥିବା ଜିନ୍‌ର ସମାନତା ରହିଥାଏ।
- ସବୁଠୁ ଅଧିକ ଦିନ ଜିବିତ ରହିଥିବା ଗାଈର ନାଁ ହେଉଛି ବିଗ୍ ବର୍ଥା। ଏହି ଗାଈ ୪୮ ବର୍ଷ ୧୧ ମାସ ୨୭ ଦିନ ପର୍ଯ୍ୟନ୍ତ ବଞ୍ଚି ରହିଥିଲା।
- ଗାଈର ବୈଜ୍ଞାନିକ ନାମ ହେଉଛି ବୋସ୍ ଟାଉରସ୍।
- ଗାଈ ସାଧାରଣତଃ ୧୮ରୁ ୨୨ ବର୍ଷ ଜିବିତ ରହିଥାନ୍ତି। ଏମାନଙ୍କର ୩୨ଟି ଦାନ୍ତ ଥାଏ।
- ଗାଈ ଶିଙ୍ଗରେ ଥିବା ଚିହ୍ନକୁ ଦେଖି ତା'ର ବୟସ ଜାଣିହୁଏ।
- ଗାଈର ୧ ମିନିଟରେ ୬୦ରୁ ୭୦ ଥର ହୃଦ୍‌ସ୍ପନ୍ଦନ ହୋଇଥାଏ ଏବଂ ୧ ମିନିଟରେ ସେ ପ୍ରାୟ ୫୦ ଥର ଚୋବାଇପାରେ।
- ଲାଲ ଏବଂ ସବୁଜ ରଙ୍ଗକୁ ଗାଈ ଦେଖିପାରେ ନାହିଁ।
- ମଣିଷ ଭଳି ଗାଈର ମଧ୍ୟ ଗର୍ଭ ଧାରଣ ସମୟ ୯ ମାସ।

## ମତାମତ

- ଜଣାଅଜଣା ପୃଷ୍ଠାରେ ପ୍ରକାଶିତ ବାତ୍ୟାବିହୀନ ଦେଶ ସମ୍ବନ୍ଧରେ କେତେକଥା ଜାଣିବାକୁ ପାଇଲି।
  **–ରାଜନ୍ ମଙ୍ଗରାଜ, କ୍ରିଦାଶପୁର, ନୟାଗଡ଼**
- ବର୍ଷାରେ ସ୍କୁଲ୍ ପାଠଟିରେ ବର୍ଷାର ମଜା ପିଲାମାନେ କିପରି ନେଉଛନ୍ତି ତାହା ଜାଣିପାରିଲି।
  **–ପ୍ରିୟଙ୍କା ମହାନ୍ତି, ଡେଲାଙ୍ଗ, ଖୋର୍ଦ୍ଧା**
- କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି।
  **–ସୋନୁ ବେହେରା, ନିମାପଡ଼ା, ପୁରୀ**
- ଅଳସୁଆକୁ କ୍ଷମା ନାହିଁ ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇଛି।
  **–ଦୀପକ ସାହୁ, ପୋଖରୀପୁଟ, ଭୁବନେଶ୍ୱର**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

କେତେକ ପିଲାଙ୍କ ଠାରେ ଅନ୍ୟମନସ୍କ ହେବା କିମ୍ବା ଅନ୍ୟାନ୍ୟ କାରଣରୁ ପାଠ ପଢ଼ିବା ସମୟରେ ଏକାଗ୍ରତା ରୁହେନି। ଫଳରେ ପଢ଼ା ହୋଇଥିବା ପାଠକୁ ଧୀରେ ଧୀରେ ଭୁଲିବାକୁ ଲାଗନ୍ତି। ଯେଉଁଥିପାଇଁ ସେମାନେ ପରୀକ୍ଷାରେ ମଧ୍ୟ କମ୍ ନମ୍ବର ରଖନ୍ତି। ହେଲେ ପିଲାମାନେ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ପାଠ ମନେ ରହିବାରେ ସହାୟକ ହୋଇପାରିବ...





# ପଢ଼ାରେ ଲାଗୁନି ମନ

## ଅନ୍ୟମନସ୍କ ହେବାରୁ ଦୂରେଇ ରୁହନ୍ତୁ

ପିଲାଙ୍କ ମନ ପଢ଼ାରେ ଲଗାଇବାକୁ ହେଲେ ସେମାନେ ଅନ୍ୟମନସ୍କ ହେବାରୁ ନିଜକୁ ଦୂରେଇ ରଖନ୍ତୁ। ପାଠପଢ଼ା ସମୟରେ ପିଲା ମୋବାଇଲ୍, ଟିଭି ଏବଂ ଅନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସ୍ କିମ୍ବା ଖେଳନାଠାରୁ ଦୂରେଇ ରହିଲେ ଭଲ। ଏସବୁ ଜିନିଷ ତାଙ୍କ ପାଖାପାଖି ନ ରହିଲେ ଭଲ। ଫଳରେ ସେମାନଙ୍କ ମନ ଏଣେ ତେଣେ ନ ହୋଇ ପାଠ ପଢ଼ାରେ ଲାଗିବ।

## ଟାଇମ୍ ଟେବୁଲ୍ ଜରୁରୀ

ପାଠ ପଢ଼ାରେ ମନ ଲଗାଇବାକୁ ହେଲେ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରନ୍ତୁ। ନିଜର ଟାଇମ୍ ଟେବୁଲ୍ ସେଟ୍ କରନ୍ତୁ। ସେହି ଅନୁଯାୟୀ ପାଠ ପଢ଼ିବାକୁ ଚେଷ୍ଟା କରନ୍ତୁ; ଯାହା ଫଳରେ ଏକାଗ୍ରତା ବଢ଼ିଥାଏ। ଏହାଦ୍ୱାରା ପାଠପଢ଼ାରେ ଫୋକସ୍ କରିପାରିବେ।

## ଡିସିପ୍ଲିନ୍ ରହିବା

ଅଧିକାଂଶ ପିଲାଙ୍କୁ ପାଠପଢ଼ା ସମୟରେ ଭୋକ ଲାଗିଥାଏ। ଟୟଲେଟ୍ ଯିବା ଏବଂ ନିଦ ଆସିବା ଭଳି କେତେକ ବାହାନା କରିଥାନ୍ତି। ଏହାଦ୍ୱାରା ସେମାନେ କୌଣସି ପ୍ରକାର ବାହାନା କରି ପାଠପଢ଼ାରୁ ନିଜକୁ ଦୂରେଇ ରଖନ୍ତି। ଏଥିପାଇଁ ପିଲାଙ୍କୁ ପଢ଼ିବା ସମୟରେ ଡିସିପ୍ଲିନ୍ ପାଳନ କରିବା ଆବଶ୍ୟକ। ଏହାଦ୍ୱାରା ତାଙ୍କର ଖାଇବା, ଖେଳିବା ଓ ଶୋଇବା ଟାଇମ୍ ପୂର୍ବରୁ ଫିକ୍ସ ହେଲେ ଭଲ। ଫଳରେ ପଢ଼ିବା ସମୟରେ କେବଳ ପିଲା ପାଠପ୍ରତି ଧ୍ୟାନ ଦେବ, ଅନ୍ୟ କୌଣସି କାମରେ ନୁହଁ।

## ଶାନ୍ତିପୂର୍ଣ୍ଣ ବାତାବରଣ

ପାଠପଢ଼ା ସମୟରେ ପିଲା ସମ୍ପୂର୍ଣ୍ଣ ରୂପେ ପାଠପ୍ରତି ଧ୍ୟାନ ଦେବା ଆବଶ୍ୟକ। ଯେଉଁଠି ଅଧିକ କୋଳାହଳପୂର୍ଣ୍ଣ ବାତାବରଣ ରହିଛି ସେ ସ୍ଥାନରେ ପାଠ ପଢ଼ିବାରୁ ନିଜକୁ ଦୂରେଇ ରଖନ୍ତୁ। ପଢ଼ିବା ସମୟରେ ଏପରି ସ୍ଥାନ ଚୟନ କରନ୍ତୁ ଯେଉଁଠାରେ ପରିବେଶଟି ଶାନ୍ତପୂର୍ଣ୍ଣ ଥିବ। ଯାହା ଫଳରେ ପିଲା ଫୁଲ୍ କନ୍‌ସନ୍‌ଟ୍ରେଟ୍ କରିପାରିବ। ଏହାଦ୍ୱାରା ପିଲା ବାରମ୍ବାର ଡିଷ୍ଟର୍ବ ହେବନି।

## ଶାର୍ପ ମାଇଣ୍ଡ ଗେମ୍ସ

ପିଲାଙ୍କ ମାଇଣ୍ଡ ଶାର୍ପ ରଖିବାକୁ ହେଲେ ଶାର୍ପମାଇଣ୍ଡ ଗେମ୍ସର ସହାୟତା ନେଇପାରିବେ। ଏହାଦ୍ୱାରା ପିଲାର ଏକାଗ୍ରତାର ବିକାଶ ହୋଇଥାଏ। ପିଲାମାନେ ସେନ୍‌ଟେନ୍ସ ମେକିଂ ଗେମ୍ କିମ୍ବା ପଜଲ୍ ଖେଳିବା ଆବଶ୍ୟକ। ଏହାଦ୍ୱାରା ପିଲାଙ୍କ ମସ୍ତିଷ୍କ ସକ୍ରିୟ ରହିବ ଏବଂ ତାଙ୍କ କନ୍‌ସେନ୍‌ଟ୍ରେଶନ୍ ପାୱାର ମଧ୍ୟ ବଢ଼ିବ।

## ଆଗ୍ରହ

ପାଠପଢ଼ିବାକୁ ହେଲେ ମନରେ ସେତିକି ଆଗ୍ରହ ରହିବା ଆବଶ୍ୟକ। ଏହାଦ୍ୱାରା ପଢ଼ାରେ ମନ ଲାଗିବ। ପଢ଼ାପ୍ରତି ଯଦି ଆଗ୍ରହ ନ ରହିଲା ତେବେ ପାଠପଢ଼ା ପାଖରେ ବସି ରହିଲେ କିଛି ବି ପାଠ ମନେ ରହିବ ନାହିଁ।

## ଖାଦ୍ୟ

ପାଠପଢ଼ାରେ ମନ ଦେବାକୁ ହେଲେ ଖାଦ୍ୟର ମଧ୍ୟ ଆବଶ୍ୟକତା ରହିଛି। ଯଦି ପିଲା ଖାଲି ପେଟରେ ପାଠପଢ଼ିବେ ତେବେ ପଢ଼ାରେ ତାଙ୍କର ମନ ଲାଗିବ ନାହିଁ। ସେଥିଲାଗି ପିଲା ଖାଦ୍ୟ ଖାଇବା ପରେ ପଢ଼ି ବସିଲେ ତା'ର ପାଠ ପ୍ରତି ଆଗ୍ରହ ରହିବ।



## ମୋବାଇଲ ଦେଖି ନ ଥାଏ

ପାଠ ପଢ଼ିବା ସମୟରେ ଟିଭି, ମୋବାଇଲ୍ ଆଦି ଦେଖି ନ ଥାଏ। କାରଣ ଏହା ଏକ ପ୍ରକାରର ନିଶା। ତେଣୁ ଯେପରି ଏସବୁରେ ମନ ଦେଇ ପାଠ ପଢ଼ା ଡିଷ୍ଟର୍ବ ନ ହୁଏ ସେଥିପ୍ରତି ସଚେତନ ରୁହେ। ଏହି ସମୟରେ କେବଳ ପଢ଼ା ପ୍ରତି କନ୍‌ସେନ୍‌ଟ୍ରେଟ୍ କରିବାକୁ ଚେଷ୍ଟା କରେ। ଯେଉଁ ସ୍ଥାନରେ ଶାନ୍ତିପୂର୍ଣ୍ଣ ବାତାବରଣ ଥାଏ ସେଠାରେ ପଢ଼ିବାକୁ ପସନ୍ଦ କରେ।

**-ଆକାଂକ୍ଷା ଦାଶ,** କ୍ଲାସ-୧୦, ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, କଳିଙ୍ଗା, ଅଡ଼ାଳିଆ, ଫୁଲନଖରା, କଟକ



## ଟାଇମ୍ ଟେବୁଲ୍ ପ୍ରସ୍ତୁତ କରେ

ନିଜର ଟାଇମ୍ ଟେବୁଲ୍ ନିଜେ ପ୍ରସ୍ତୁତ କରେ। ଏହାଦ୍ୱାରା କେଉଁ ବିଷୟ କେତେ ସମୟ ପଢ଼ିବି ଜାଣିବାରେ ସହଜ ହୁଏ। ମଝିରେ ମଝିରେ ମୋ ସାଙ୍ଗସାଥୀଙ୍କ ସହ ସେନ୍‌ଟେନ୍ସ ମେକିଂ ଗେମ୍ ଏବଂ ପଜଲ ଆଦି ଖେଳିବାକୁ ମୋତେ ଭଲଲାଗେ।

**-ଦେବାଶିଷ ମଲ୍ଲିକ, କ୍ଲାସ୍-୯, ବାୟା ଅବଧୂତ ସରକାରୀ ଉଚ୍ଚବିଦ୍ୟାଳୟ, କନିମୂଳ, ଜଗତ୍‌ସିଂହପୁର**





୧



୨



୩




୮




୪



୫



୬



୭





୯



ନବ ବିଶୋୟୀ
କ୍ଲାସ୍- ୧୦,
ସରକାରୀ ପ୍ରକଳ୍ପ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
କେନ୍ଦୁପଦର
୧

୨
ସୋନମ୍ ପାତ୍ର
କ୍ଲାସ୍- ୭,
ବିକାଶ
ରେସିଡେନସିଆଲ
ସ୍କୁଲ,
କଳାହାଣ୍ଡି





ସମର୍ଥ ଶରଣ
କ୍ଲାସ୍-୪,
ଭୁବନେଶ୍ୱର
ମଡ଼େଲ ପବ୍ଲିକ୍
ସ୍କୁଲ,
ଭୁବନେଶ୍ୱର
୩

୪
ଯସ୍ମିନ୍ ସ୍ୱାଇଁ
କ୍ଲାସ୍-୯,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ,
କେନ୍ଦ୍ରାପଡ଼ା





ସାଇପ୍ରକାଶ ସ୍ୱାଇଁ
କ୍ଲାସ୍-୮,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ,
ନୟାବଜାର,
କଟକ
୫

୬
ପ୍ରେମାନନ୍ଦ ପ୍ରଧାନ
କ୍ଲାସ୍-୭, ସ୍ୱାମୀ
ବିବେକାନନ୍ଦ
ବିଦ୍ୟାମନ୍ଦିର, ପାଲୁର
ଜଙ୍କସନ୍, ଗଞ୍ଜାମ





ୱାଇ. ସାଇଲକ୍ଷ୍ମୀ
ରାଓ
କ୍ଲାସ୍-୩,
କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର
୭

୮
ଆଦିତ୍ୟ ଦାଶ
କ୍ଲାସ୍- ୧୦,
ବଟମଙ୍ଗଳା ସରକାରୀ
ଉଚ୍ଚ ବିଦ୍ୟାଳୟ,
ଜଗତସିଂହପୁର





ସଦିଚ୍ଛା ପାତ୍ର
କ୍ଲାସ୍- ୪,
ଡିଏଭି
ପବ୍ଲିକ ସ୍କୁଲ,
କଟକ
୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଦିନକୁ ୨୫୪ ଷ୍ଟେଶନ



ଟ୍ରେନରେ ଯିବା ସମୟରେ ବିଭିନ୍ନ ଷ୍ଟେଶନ ଦେଇ ଯିବାକୁ ହୋଇଥାଏ। ହେଲେ ଅତିବେଶିରେ ଜଣେ ଦିନକୁ ହୁଏତ ୧୦ କିମ୍ବା ୨୦ ଅଥବା ୩୦ଟି ଷ୍ଟେଶନ ଦେଇ ଯାତ୍ରା କରିପାରନ୍ତି। କିନ୍ତୁ ଦିନକୁ ୨୫୪ଟି ଷ୍ଟେଶନ ଅତିକ୍ରମ କରିବା କଥା ଶୁଣିଲେ ଆଶ୍ଚର୍ଯ୍ୟ ମନେ ହୋଇପାରେ। ହେଲେ ଏଭଳି ଏକ କାମ କରି ଏବେ ରେକର୍ଡ କରିଛନ୍ତି ପ୍ରଫୁଲ ସିଂହ।

ଦିଲ୍ଲୀ ମୋଟ୍ରୋ ରେଲ୍ କର୍ପୋରେଶନ୍ (ଡିଏମ୍ଆର୍ସି)ରେ ଚାକିରି କରନ୍ତି ପ୍ରଫୁଲ ସିଂହ। ରେଳବିଭାଗର ଚାକିରି ଭିତରେ ତାଙ୍କ ମୁଣ୍ଡକୁ ଏକ ଅଜବ ଖିଆଲ ଆସିଥିଲା। ବିଭିନ୍ନ ଷ୍ଟେଶନ୍‌କୁ ନେଇ ସେ ବିଶ୍ୱ ରେକର୍ଡ କରିବାକୁ ଚାହିଁଥିଲେ। ଆଉ ଆଶ୍ଚର୍ଯ୍ୟର କଥା ହେଉଛି କି ସେ ଏହା କରିବାକୁ ସକ୍ଷମ ବି ହୋଇଥିଲେ। ମାତ୍ର ୧୬ ଘଣ୍ଟା ୨ ମିନିଟ୍‌ରେ ସେ ୨୫୪ଟି ଷ୍ଟେଶନ୍ ଅତିକ୍ରମ କରି ପାରିଥିଲେ। ଏତେ କମ୍ ସମୟ ମଧ୍ୟରେ ସେ ସବୁଠୁ ଅଧିକ ଷ୍ଟେଶନ୍ ଅତିକ୍ରମ କରି ପାରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଆଉ ଭିନ୍ନ କଥା ହେଉଛି କି ପ୍ରଥମ ଥର ପାଇଁ ସେ ଏଭଳି ଏକ ବିଭାଗରେ ରେକର୍ଡ କରିଛନ୍ତି।

## ଏଥରର

- ଆୟତନ ଅନୁସାରେ ପୃଥିବୀର କ୍ଷୁଦ୍ରତ୍ତମ ଦେଶର ନାମ ?
- ପୃଥିବୀର ନିକଟତମ ଗ୍ରହ ?
- ପୃଥିବୀର ପ୍ରସିଦ୍ଧ ହ୍ରଦ କାସ୍ପିଆନ ସାଗର କେଉଁ ଦେଶରେ ଅବସ୍ଥିତ ?
- କିଲିମାଞ୍ଜୋର ପର୍ବତ କେଉଁ ମହାଦେଶରେ ଅବସ୍ଥିତ ?
- ଓମାନର ରାଜଧାନୀର ନାମ ?

## ଗତଥରର ଉତ୍ତର

- ଆମାଜନ୍
- ପାରନା
- ଉପର ଏସୋମାଇଟ
- କିଲିମାଞ୍ଜାରୋ
- ରୁଷିଆ– ଇରାନ

## କହିଲ ଦେଖି

ଝିଅ ନୁହେଁ ହେଲେ ଝିଅର ନାମ
ବରଷା ଋତୁରେ ତାହାରି କାମ
ଆଗେ କେରଳକୁ ଆସେ,
ଚାରିମାସ ଧରି ରହିଥାଏ ସିଏ
ଧୀରେ ଧୀରେ ପୁଣି ଖସେ।
ଉତ୍ତର କୁହ ମୋ ପାଶେ।
ଉ: **ମୌସୁମୀ**



ଟୋପି ନୁହେଁ ମଥା ଉପରେ ରହେ
ସେବାକରି ଖରା ବରଷା ସହେ,
କଳା, ଧଳା କେବେ ରଙ୍ଗିନ ହୁଏ
ଖୋଜିଥାନ୍ତି ପିଲା–ବୁଢ଼ା,
ଆମ ସାଥେ ସିଏ ବନ୍ଧୁ ପରି ରହେ
ସଭିଙ୍କର ପଡ଼େ ଲୋଡା,
କୁହ ପିଲେ ହୋଇ ଛିଡ଼ା।
ଉ: **ଛତା**



ବରଷା ଆସିଲେ ବାହାରି ଆସେ
ନାଲିପାଟ ପିନ୍ଧି ସୁନ୍ଦର ଦିଶେ।
ଲାଜ କରେ ଦେଲେ ଛୁଇଁ,
ଏବେ ଆଗଭଳି ବେଶି ଦେଖା ନାହିଁ
ପଡ଼ିଆରେ ଚାଲେ ନଇଁ।
ଇଏ କିଏ ଦିଅ କହି।
ଉ: **ସାଧବ ବୋହୂ**



**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

# କବିତା

## ବାଇଚଢ଼େଇ

ବାଇଚଢ଼େଇ ଦେଲା ଗଢ଼େଇ
ନଡ଼ିଆ ଗଛେ ବସା,
ପବନ ସାଥେ ଖେଳିଲା ଦୋଳି
ଦେଲା ମୁରୁକି ହସା।

ଆଷାଢ଼ ଗଲା ଶ୍ରାବଣ ହେଲା
ହେଲା ବରଷା ଝରି,
କାଉ ଭିଜିଲା, ବଣି ଭିଜିଲା
ଭିଜିଲେ ଶୁଆଶାରି।

ଭିଜିଲା ନାହିଁ ବାଇଚଢ଼େଇ
ବସା ଭିତରେ ରହି,
ସାର୍ଥକ ହେଲା ଶ୍ରମ ତାହାର
ଦୁନିଆ ଦେଖୁ ଥାଇ।

ଶ୍ରମ କାହାର ନୁହେଁ ବେକାର
ନିଶ୍ଚୟ ଫଳ ପାଇ,
ପରିଶ୍ରମ ଯେ କରିଛି ଦିନେ
ସୁଖ ଭୁଞ୍ଜାଇ ସେହି।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬





## ଆସ ପାଠ ପଢ଼ିବା

ଆସ ଆମେ ମିଶି ପାଠ ପଢ଼ିବା
ପାଠ ପଢ଼ି ଭଲ ମଣିଷ ହୋଇ
ଦେଶର ଭବିଷ୍ୟତ ହୋଇବା।
ଖରାପ ଅଭ୍ୟାସ ସବୁ ଛାଡ଼ିବା
ଭଲକାମ କରି ନାମ କରିବା
ପର ଆପଣାର ଭେଦଭାବ ଭୁଲି
ସଭିଁଙ୍କୁ ସମ୍ମାନ ଦେବା।
ଭାରତ ମାଆର ସନ୍ତାନ ଆମେ
ତା'ର ଟେକ ନିଶ୍ଚେ ରଖିବା
ଦୁର୍ନୀତି ବିରୁଦ୍ଧେ ସଂଗ୍ରାମ କରି
ଦେଶରୁ ଶତ୍ରୁଙ୍କୁ ତଡ଼ିବା।
ପାଠ ପଢ଼ିବା, ଦେଶ ଗଢ଼ିବା
ପ୍ରଗତି ପଥେ ଦେଶକୁ ଆଗେଇ ନେବା।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ – ୯୬୬୮୮୧୫୩୬୯

## ଆସିଛି ବରଷା

ବରଷା ଆସିଛି ଉତ୍ତାପ ହାରିଛି
ସବୁଜିମା ଚାରିଆଡ଼େ
ଆକାଶ ଘୋଟିଛି ବଉଦମାଳରେ
ଘଡ଼ଘଡ଼ି ଡାକ ଛାଡ଼େ।

ଦିନବେଳେ ଇନ୍ଦ୍ରଧନୁ ଆକାଶରେ
ସୂର୍ଯ୍ୟ ସମ୍ମୁଖରେ ହୁଏ,
ସାତ ରଙ୍ଗ ତା'ର ସୁନ୍ଦର ବର୍ଣ୍ଣାଳୀ
ମନକୁ ସେ ମୋହିନିଏ।

ଚୁପୁରୁ ଚପୁରୁ ଗାଁ ଦାଣ୍ଡ ହୁଏ
କେବେ ଚାଲେ ପାଣି ସୁଅ
ସଞ୍ଜ ହୋଇଗଲେ ନିବିଡ଼ ଉଆଁସ
ମୁହଁକୁ ନ ଦିଶେ ମୁହଁ।

ଶିଶୁ ଧାନଗଛ କୃଷକ ପାଳଇ
ସତେ ଅବା ତା' ଶାବକ
ସେ ଶିଶୁ ଗଛରେ ସମ୍ଭାବନା ବହୁ
ଆଗାମୀ ସୁଖ ବାହକ।

**– ଶିବ ପ୍ରସାଦ ରାଉତ**
ବଛଦା, ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫



# ବାଦଲଫଟା ବର୍ଷା


**ବେଲୁନ୍** ଭିତରେ ଯେପରି ପାଣି ପୂରାଇ ରଖିଲେ ତାହା କୌଣସି ବି ସମୟରେ ଫାଟିଯିବାର ସମ୍ଭାବନା ରହିଥାଏ , ବାଦଲଫଟା ବର୍ଷା ମଧ୍ୟ ସେହିପରି। ଦେଶର କେତେକ ରାଜ୍ୟରେ ମୌସୁମୀ ପାଦ ଥାପିସାରିଲାଣି। ଲଗାଣ ବର୍ଷା କାରଣରୁ କେତେକ ରାଜ୍ୟରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ପରି ସମସ୍ୟା ଦେଖାଦେଇଛି। ଏଠି ମନରେ ପ୍ରଶ୍ନ ଆସେ ଯେ ବାଦଲ ଫାଟେ କିପରି! ବୈଜ୍ଞାନିକଙ୍କ ଭାଷାରେ ବାଦଲ ଫାଟିବାର ଅର୍ଥ ଅଚାନକ ଅତ୍ୟଧିକ ବର୍ଷା ହେବା। ଭାରତର ପାଣିପାଗ ବିଜ୍ଞାନ ଅନୁସାରେ ଯଦି କୌଣସି ସ୍ଥାନରେ ଏକ ଘଣ୍ଟା ମଧ୍ୟରେ ୧୦୦ମି.ଲି ମିଟର ବର୍ଷା ହୋଇଥାଏ, ତେବେ ଏହାକୁ ବାଦଲଫଟା ବର୍ଷା କୁହାଯିବ। ସାଧାରଣତଃ ସ୍ଥଳଭାଗରୁ ୧୨ରୁ ୧୫ କିଲୋମିଟର ଉଚ୍ଚତାରେ ହେଉଥିବା ବର୍ଷାକୁ ବାଦଲଫଟା ବର୍ଷା କୁହାଯାଏ। ବାଦଲ ଫାଟିବାର ତାତ୍ପର୍ଯ୍ୟ ଏହାକି ଆକାଶର କୌଣସି କ୍ଷେତ୍ରରେ ତୀବ୍ର ବର୍ଷାର ରୂପ ନେବା। ଏହି ବାଦଲ ଫାଟିବା ବର୍ଷା ଲାଗି କେତେକ ସ୍ଥାନରେ ବନ୍ୟା ଭଳି ପରସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଥାଏ।





# ଅଦ୍ଭୁତ ମାଉଣ୍ଟ ଏଭରେଷ୍ଟ





ମାଉଣ୍ଟ ଏଭରେଷ୍ଟ ହିମାଳୟ ପର୍ବତ ଶୃଙ୍ଖଳାର ଏକ ପର୍ବତ। ଏଭଳି ଅଦ୍ଭୁତ ପର୍ବତ ଶିଖରରେ ଅନେକ ରୋଚକ ତଥ୍ୟ ଅଛି।

ମାଉଣ୍ଟ ଏଭରେଷ୍ଟ ନେପାଳ ଏବଂ ଚାଇନା ସୀମା ନିକଟରେ ଅବସ୍ଥିତ। ଏହି ପର୍ବତକୁ ମାଉଣ୍ଟ ଏଭରେଷ୍ଟ କାହିଁକି କୁହାଯାଏ ତା' ପଛରେ ଏକ କାରଣ ମଧ୍ୟ ଅଛି।

ବ୍ରିଟିଶ ସର୍ବେକ୍ଷକ ଜେନେରାଲ ଜର୍ଜ ଏଭରେଷ୍ଟ ୧୮୪୧ ମସିହାରେ ଏହି ପର୍ବତ ଶିଖରକୁ ଖୋଜି ପାଇଥିଲେ। ସେତେବେଳେ ସେ ଏହାର ନାମ ପିକ୍-୧୫ ରଖିଥିଲେ। କିନ୍ତୁ ପରେ ୧୮୬୫ ମସିହାରେ ତାଙ୍କୁ ସମ୍ମାନ ଦେବାପାଇଁ ପିକ୍-୧୫ ନାମକୁ ବଦଳାଇ ମାଉଣ୍ଟ ଏଭରେଷ୍ଟ ରଖାହେଲା। ଆଜି ବି ମାଉଣ୍ଟ ଏଭରେଷ୍ଟକୁ ନେପାଳ ଲୋକମାନେ ସାଗରମାଥା ଏବଂ ତିବ୍ବତ ଲୋକମାନେ ଚାମଲୁଙ୍ଗୁମା ନାମରେ ଜାଣନ୍ତି।

ମାଉଣ୍ଟ ଏଭରେଷ୍ଟ ବିଶ୍ୱରେ ଅବସ୍ଥିତ ସବୁଠାରୁ ଉଚ୍ଚ ପର୍ବତ ଶିଖରରୂପେ ମାନ୍ୟତା ପାଇଛି ଏବଂ ତାର ଉଚ୍ଚତା ନିରନ୍ତର ବଢ଼ିଥାଏ। କିନ୍ତୁ ଗ୍ଲୋବାଲ ୱାର୍ମିଂ ଯୋଗୁ ଏବେ ବରଫ ତରଳୁଥିବାରୁ ଏଭରେଷ୍ଟର ଉଚ୍ଚତା ବୃଦ୍ଧି ପାଉନାହିଁ। ୨୦୨୦ ମସିହାରେ ନେପାଳ ଏବଂ ଚାଇନାର ସଂଯୁକ୍ତ ମାପକ ସର୍ବେକ୍ଷଣରୁ ଏବେ ତା'ର ଉଚ୍ଚତା ୮୮୪୮.୮୬ ମିଟର ବୋଲି ଜଣାପଡ଼ିଛି। ଅର୍ଥାତ୍ ୧୯୫୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମପା ହୋଇଥିବା ମାଉଣ୍ଟ ଏଭରେଷ୍ଟର ଉଚ୍ଚତାଠାରୁ ୦.୮୬ ମିଟର ଅଧିକ ରହିଛି।

ମାଉଣ୍ଟ ଏଭରେଷ୍ଟ ଆରୋହଣର ଶିଖର ସ୍ଥାନରେ ପହଞ୍ଚିବା ପାଇଁ ୪୦ ଦିନରୁ ଅଧିକ ସମୟ ଲାଗିଯାଏ। କିନ୍ତୁ ପର୍ବତ ଶିଖରର ଦକ୍ଷିଣ ପଟରୁ ତୀବ୍ର ଗତିରେ ଆରୋହଣ କରିଥିବା ନେପାଳର ଲକପା ଗେଲୁ ଶେରପା ୨୦୦୩ ମସିହା ମେ ମାସ ୨୬ ତାରିଖରେ ମାତ୍ର ୧୦ ଘଣ୍ଟା ୫୬ ମିନିଟ ୪୬ ସେକେଣ୍ଡରେ ଶେଷ କରିଥିଲେ।

ମାଉଣ୍ଟ ଏଭରେଷ୍ଟକୁ ଆରୋହଣ କରିବା ପାଇଁ ବିଚିତ୍ର ନିୟମ ଅଛି। ସେଠାକାର ଜଳବାୟୁ ସନ୍ଧ୍ୟା ଓ ରାତିରେ ତୁରନ୍ତ ବଦଳି ଯାଇଥାଏ। ସେଥିପାଇଁ ପର୍ବତାରୋହୀଙ୍କୁ ଦ୍ୱିପହର ୨ଟା ସୁଦ୍ଧା ଶିଖରରେ ପହଞ୍ଚିବାକୁ ହୋଇଥାଏ। ଯଦି ତାହା ହୋଇ ନ ପାରେ ତେବେ ନିଜ ଶିବିରକୁ ଫେରିବାକୁ ହୁଏ। ପୁଣି ତା' ପରଦିନ ଆରୋହଣ କରିବାକୁ ପଡ଼େ।

ପର୍ବତାରୋହୀ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିବାକୁ ଅନେକ ସ୍ୱପ୍ନ ଦେଖିଥାନ୍ତି। ୨୦୨୩ ମେ' ୨୨ ତାରିଖ ସୁଦ୍ଧା ନେପାଳର ଅଧିବାସୀ ପସାଙ୍ଗ ଦାବା ଶେରପା ମାଉଣ୍ଟ ଏଭରେଷ୍ଟକୁ ୨୭ ଥର ଆରୋହଣ କରି ରେକର୍ଡ କରିଥିଲେ। କିନ୍ତୁ ତା'ପରଦିନ ମେ ୨୮ ତାରିଖରେ ନେପାଳ ନିବାସୀ କାନରୀତା ଶେରପା ୨୮ ଥର ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ବିଶ୍ୱ ରେକର୍ଡ କରିଛନ୍ତି।

ତୁମେମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଜଣେ ୬ ବର୍ଷର ଝିଅ ଅରିଷ୍କା ଲଡ଼ା ମାଉଣ୍ଟ ଏଭରେଷ୍ଟର ବେସ୍ କ୍ୟାମ୍ପ ଯାଏ ଆରୋହଣ କରି ସବୁଠାରୁ କମ୍ ବୟସ ଭାରତୀୟ ପର୍ବତାରୋହୀ ହୋଇ ପାରିଛନ୍ତି। ଏଭରେଷ୍ଟର ବେସ୍ କ୍ୟାମ୍ପ ୧୭,୫୦୦ ଫୁଟରୁ ଅଧିକ ଉଚ୍ଚରେ ଅବସ୍ଥିତ। ମହାରାଷ୍ଟ୍ର ପୁଣେରେ ରହୁଥିବା ଅରିଷ୍କା ନିଜ ମାଆଙ୍କ ସହିତ ଏଭଳି ଦୁଃସାହସିକ କାର୍ଯ୍ୟ କରି ଦେଖାଇଛନ୍ତି।

**- ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪,ସଲ୍ଟଲେକ,
କୋଲକାତା
ମୋ: ୯୬୮୧୩୭୩୫୧୨





# ଆ ଇ ନା



ଅନିକ୍ସା ଆରାଧନା
୬ବର୍ଷ, ଭୁବନେଶ୍ୱର



ଆରାଧ୍ୟା ଆୟୁଷି
୫ବର୍ଷ, ନୟାଗଡ଼